## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୧୦ମ ଶ୍ରେଣୀ ଛାତ୍ର ମୃତ

**କାମାକ୍ଷାନଗର, ୧୭।୧୦(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ବଡ଼ସୁଆଁଳ ଗ୍ରାମରେ ଗୁରୁବାର ଦୁଃଖଦ ଘଟଣା ଘଟିଛି। ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯାଇ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶ୍ରୀଧର ମୁଦୁଲିଙ୍କ ପୁଅ ସିତୁନ (୧୫)। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ସେ ସକାଳେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ.୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### କବାଟ ଭାଙ୍ଗି ୩୦ ହଜାର ଲୁଟ୍

**ରାସୋଳ, ୧୭।୧୦(ଡି.ଏନ୍.ଏ.):** ରାସୋଳ ଥାନା କଳିଙ୍ଗାପାଳ ପଞ୍ଚାୟତ ବନ୍ଧାନାଳି ଗ୍ରାମରେ ରହୁଥିବା ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁବାଳା ଜେନାଙ୍କ ଘରୁ ଗୁରୁବାର ଦ୍ୱିପ୍ରହରରେ ଲୁଟ୍‌ପାଟ ହୋଇଛି। ଦୁର୍ବୃତ୍ତମାନେ ଘର ପଛପଟ କବାଟ ଭାଙ୍ଗି ଆଲମିରାରେ ରଖାଯାଇଥିବା ୩୦ ହଜାର ଟଙ୍କା ଚୋରି କରି ନେଇଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ମଞ୍ଜୁବାଳା କଳିଙ୍ଗାପାଳ ସ୍କୁଲରେ କାର୍ଯ୍ୟ କରୁଛନ୍ତି। ସେ ସବୁଦିନ ପରି ସକାଳେ ସ୍କୁଲକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରି ଦେଖିବା ବେଳକୁ ଘଟଣା ଜଣାପଡ଼ିଥିଲା। ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ୨ ମଦ୍ୟପ ଚାଳକ ଗିରଫ

**ରାସୋଳ, ୧୭।୧୦(ଡି.ଏନ.ଏ.):** ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ରାସୋଳ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପିକ୍‌ଅପ ଡ୍ରାଇଭର ସନ୍ତୋଷ ରାଉତ ଏବଂ ବାଇକ ଚାଳକ ବିପିନ ବେହେରା। ମୋଟରଯାନ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ପୋଲିସ ପାଟ୍ରୋଲିଂ ଚାଲିଥିବାବେଳେ ଦୁହେଁ ଧରାପଡ଼ିଥିଲେ।

### ଏଏସ୍‌ଆଇଙ୍କୁ ବାଧ୍ୟତାମୂଳକ ଅବସର ପ୍ରସ୍ତାବ ଅନୁମୋଦନ

**ଢେଙ୍କାନାଳ ଅଫିସ,୧୭।୧୦:** ଢେଙ୍କାନାଳ ଜିଲା ପୋଲିସରେ କାର୍ଯ୍ୟରତ ଏଏସ୍‌ଆଇ-୩୦୮ ବୀରବର ଲେଙ୍କାଙ୍କୁ ବାଧ୍ୟତାମୂଳକ ଅବସର ଦେବାକୁ ଏସ୍‌ପି ଅନୁପମା ଜେମ୍ସ ଦେଇଥିବା ପ୍ରସ୍ତାବକୁ ଅନୁମୋଦିତ ମିଳିଛି। ସମ୍ପୃକ୍ତ ଏଏସ୍‌ଆଇଙ୍କ ନାମରେ ୨ ଭିଜିଲାନ୍ସ ମାମଲା ଏବଂ ୪ ବିଭାଗୀୟ ପ୍ରୋସିଡିଂ ରହିଛି। ୩ବର୍ଷ ହେଲା ସେ ମାମଲାର ଶୁଣାଣିକୁ ଆସୁନାହାନ୍ତି। ବିଭାଗୀୟ ଅଧିକାରୀଙ୍କୁ ସହଯୋଗ କରୁନାହାନ୍ତି। ନିଜର ଅବସ୍ଥିତି ସମ୍ପର୍କରେ ସୂଚନା ଦେଉନାହାନ୍ତି। ଏପରି ଅନିୟମିତତା ଲାଗି ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏସ୍‌ପି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

■୪ର୍ଥ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

# ବ୍ଳକସ୍ତରରେ ହେବ ନାଟ୍ୟମଣ୍ଡପ: ସଂସ୍କୃତି ମନ୍ତ୍ରୀ

**ଢେଙ୍କାନାଳ ଅଫିସ, ୧୭।୧୦**



ଲୋକକଳା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

■ଜିଲାରେ ରହିଛି ୧୪ ଲୋକକଳା
■କଳାକାର ଭତ୍ତା ପ୍ରଦାନରେ ଅଗ୍ରାଧିକାର ଦିଆଯିବ
■ଅନ୍‌ଲାଇନ୍‌ରେ ହେବ ରାଜଧାନୀରେ ମଣ୍ଡପ ବୁକିଂ

ଓଡ଼ିଶାରେ ୪୧୭ ପ୍ରକାର ଲୋକକଳା ରହିଛି। ସେଥିରୁ ୧୪ ଢେଙ୍କାନାଳରେ ଏବେ ବି ଦେଖିବାକୁ ମିଳୁଛି। ପୁରପଲ୍ଲୀର ଲୁକ୍କାୟିତ କଳାସଂସ୍କୃତିର ପ୍ରସାର ଲାଗି ରାଜ୍ୟ ସରକାର ବଦ୍ଧପରିକର। ଏଥିରେ ନୂତନତା ଭରିଦେଲେ ଏହା ଲୋକଙ୍କୁ ଅଧିକ ଆକୃଷ୍ଟ କରିବ। ଏଥି ପାଇଁ ବ୍ଳକସ୍ତରରେ ନାଟ୍ୟମଣ୍ଡପ ପ୍ରତିଷ୍ଠା କରାଯିବ। ଏଥିରେ ମଞ୍ଚ ସାଙ୍ଗକୁ ଗ୍ୟାଲେରି ରହିବ। ଏକସଙ୍ଗରେ ୫୦୦ ଦର୍ଶକ କାର୍ଯ୍ୟକ୍ରମର ମଜା ନେଇପାରିବେ। କଳାକାରଙ୍କ ହିତ ଦୃଷ୍ଟିରୁ ଭୁବନେଶ୍ୱରରେ ଲୋକକଳା ଭବନ ପ୍ରତିଷ୍ଠା କରାଯିବାକୁ ଯୋଜନା କରାଯାଉଛି। ସେହିପରି ରାଜଧାନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ରବୀନ୍ଦ୍ର ମଣ୍ଡପ, ଭଞ୍ଜ କଳାମଣ୍ଡପ ସମେତ ଅନ୍ୟାନ୍ୟ ମଣ୍ଡପରେ ଅନଲାଇନ୍ ବୁକିଂ ବ୍ୟବସ୍ଥା ହେବ। କାହାରି ପ୍ରତି ପାତରଅନ୍ତର ହେବନାହିଁ। ରାଜ୍ୟରେ କଳାସଂସ୍କୃତିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଆଗ୍ରହୀ। କଳାକାର ଭତ୍ତା ଧାର୍ଯ୍ୟଲକ୍ଷ୍ୟ ହାସଲ ସମ୍ପର୍କରେ ଜିଲାପାଳଙ୍କୁ ରିପୋର୍ଟ ମଗାଯାଇଛି। ଭତ୍ତା ପ୍ରଦାନରେ ଢେଙ୍କାନାଳକୁ ଅଗ୍ରାଧିକାର ଦିଆଯିବ ବୋଲି କହିଛନ୍ତି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ଢେଙ୍କାନାଳ ମହିଷାପାଟ ସରସମେଳା ପଡ଼ିଆରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୪ର୍ଥ ଲୋକକଳା ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

ସମ୍ମାନିତ ଅତିଥି ଏମ୍‌ପି ମହେଶ ସାହୁ କହିଲେ, ଧନର ଅଭାବ କଳା ସଂସ୍କୃତିକୁ ପ୍ରଭାବିତ କରିପାରିବ ନାହିଁ। ଭାରତର ଇତିହାସ ଅତ୍ୟନ୍ତ ଗରିମାମୟ। ଏହାକୁ ଉଜ୍ଜୀବିତ କରିବାରେ ଜିଲାବାସୀଙ୍କ ଉଦ୍ୟମ ପ୍ରଶଂସନୀୟ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ କହିଲେ, ଲୋକକଳା ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ। ରାଜ୍ୟ ସରକାରଙ୍କ ଉଦ୍ୟମରେ ହଜିଯାଉଥିବା ଲୋକକଳା ନୂତନ ପରିଚୟ ପାଇଛି। ଏହା ଏବେ ଆନ୍ଦୋଳନରେ ପରିଣତ ହୋଇଛି। ଲୋକକଳା ଗବେଷଣ ପାଇଁ ପାଠ୍ୟକ୍ରମ ସହ ଏକ ଏକାଡେମୀ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିବା ସେ ସୂଚନା ଦେଇଛନ୍ତି। ବିଧାୟକ ଡା. ନୃସିଂହ ଚରଣ ସାହୁ, ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ହିନ୍ଦୋଳ ବ୍ଳକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ଅତିଥିଭାବେ ଯୋଗଦେଇ ଲୋକକଳାର ଉନ୍ନତି କାମନା କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, କଳାର ଭାବନା ଉଜ୍ଜୀବିତ ହେଲେ ଏହା ଆହୁରି ବିକଶିତ ହେବ। ଲୋକକଳାରେ ଜିଲାକୁ ପୁଣଥରେ ୧ନଂ. କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ସେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଜିଲା କଳା ଓ ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏଥିପୂର୍ବରୁ ପୂର୍ବାହ୍ନ ୧୦ଟାରେ ଜିଲାର କଳାକାରଙ୍କୁ ନେଇ ଏକ ବିଶାଳ ମଶାଲ ଶୋଭଯାତ୍ରା ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ପରିସରରୁ ବାହାରି ସହର ପରିକ୍ରମା କରିବା ପରେ ସରସମେଳା ପଡିଆରେ ପହଞ୍ଚିଥିଲା। କଙ୍କଡ଼ାହାଡ଼, ସଦର ଏବଂ ଓଡ଼ାପଡ଼ା ବ୍ଳକରୁ ଆସିଥିବା କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ମନ୍ତ୍ରୀ କଳାକଳାରଙ୍କ ସହ ଭାବବିନିମୟ କରି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ।

### କାର୍ ଧକ୍କାରେ ଏମ୍‌ସିଏଲ୍ କର୍ମଚାରୀ ଗୁରୁତର



**ପରଜଙ୍ଗ, ୧୭।୧୦(ଡି.ଏନ୍.ଏ.)**

ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ମୁଣ୍ଡେଇଲୋ ଗ୍ରାମ ନିକଟରେ ଗୁରୁବାର ସନ୍ଧ୍ୟାରେ କାର୍ (ନଂ. ଓଡ଼ି ୩୩ ଏସ୍ ୫୪୬୪) ଧକ୍କାରେ ଏମ୍‌ସିଏଲ୍ କର୍ମଚାରୀ ଦିଲୀପ ଦାସ ଗୁରୁତର ହୋଇଛନ୍ତି। ଦିଲୀପ କମ୍ପାନୀରୁ ଡ୍ୟୁଟି ସାରି ପରଜଙ୍ଗସ୍ଥିତ ତାଙ୍କ ଘରକୁ ବାଇକ୍‌ରେ ଫେରୁଥିଲେ। ରାସ୍ତା ପାର୍ଶ୍ୱରେ ଗାଡ଼ି ରଖି ପରିସ୍ରା କରୁଥିବାବେଳେ ପରଜଙ୍ଗ ପଟୁ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ଗାଡ଼ି ଚାଳକ ପ୍ରତାପ ସାମନ୍ତରାୟ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଗୁରୁତର ଅବସ୍ଥାରେ ଦିଲୀପଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ହାତଗୋଡ଼ ଭାଙ୍ଗିଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପରେ ତାଳଚେର ସେଣ୍ଟ୍ରାଲ ହସ୍ପିଟାଲ ଏବଂ ସେଠାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ବିଧିବଦ୍ଧ ଭାବେ ଥାନାରେ ଅଭିଯୋଗ ହୋଇନାହିଁ।

■ମା' ଲକ୍ଷ୍ମୀଙ୍କ ବଡ଼ପୂଜା

## ଶଙ୍ଖୁଡ଼ି ଭୋଗରେ ମହକିଲା ମଣ୍ଡପ


ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ସାମୂହିକ ପ୍ରସାଦ ସେବନ।

**ଢେଙ୍କାନାଳ ଅଫିସ, ୧୭।୧୦**

ସୁସ୍ୱାଦୁ ବ୍ୟଞ୍ଜନରେ ମହମହ ବାସୁଥିଲା ପୂଜାମଣ୍ଡପ। କେଉଁଠି ଦଧିଅନ୍ନ ତ ଆଉ କେଉଁଠି ଅବଢ଼ା। ତା' ସହିତ ଶାଗ, ପକୁଡି, ଘାଣ୍ଟ ତରକାରି ସାଙ୍ଗକୁ ଜିଲାପି। ନା ଥିଲା ବାଛ ବିଚାର ନା କେହି କରୁଥିଲେ ବାରଣ। ପଦ୍ମପତ୍ର ଏବଂ କୁଡୁଆରେ ସମସ୍ତେ ମନଭରି ପେଟପୂରା ଖାଇଥିଲେ ପ୍ରସାଦ। ଐତିହ୍ୟସମ୍ପନ୍ନ ଢେଙ୍କାନାଳ ଲକ୍ଷ୍ମୀପୂଜାର ୫ମ ଦିବସରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା ସମସ୍ତ ପୂଜା ପ୍ରତିଷ୍ଠାନରେ। ମା'ଙ୍କ ବଡ଼ପୂଜା ଅବସରରେ ଶଙ୍ଖୁଡ଼ି ଭୋଗକୁ କେହି କରି ନ ଥିଲେ ହାତଛଡ଼ା।

ଲକ୍ଷ୍ମୀପୂଜା ଅବସରରେ ଗୁରୁବାର ମା'ଙ୍କ ନିକଟରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଇଥାଏ। ଏପରି ବିଧି କାହିଁ କେଉଁ କାଳରୁ ପ୍ରଚଳିତ ହୋଇଆସୁଛି। ଏହି ଉପଲକ୍ଷେ ଭୋଗ ବାସ୍ନାରେ ମହକି ଉଠିଥିଲା ସାରା ସହର।

ପ୍ରମୁଖ ପୂଜା ପ୍ରତିଷ୍ଠାନ ଲକ୍ଷ୍ମୀବଜାର ପକ୍ଷରୁ ଗୋପୀନାଥ ଗାର୍ଡେନ ମଣ୍ଡପରେ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ୩ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଦ୍ମପତ୍ର ଏବଂ କୁଡୁଆରେ ଶୁଦ୍ଧ ନିରାମିଷ ଭୋଜନର ମଜା ନେଇଥିଲେ ସମସ୍ତେ। ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଅଞ୍ଚଳବାସୀ ମିଳିତ ଭାବେ ଏହାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

ସେହିପରି ଗଣେଶ ବଜାର, ମହାବୀର ବଜାର, କୈବଲ୍ୟ ବଜାର, ଦେଉଳସାହି, ଜୁବିଲିଟାଉନ-୧, ଗୁଡିଆନାଳୀ, କୁଞ୍ଜକାନ୍ତ, ଆନନ୍ଦ ବଜାର, ସ୍ୱପ୍ନେଶ୍ୱର ବଜାରରେ ମଧ୍ୟ ପ୍ରସାଦସେବନ ବେଶ୍ ଜମିଥିଲା। ଜାତି, ଧର୍ମ, ବର୍ଣ୍ଣ, ଗରିବ ଧନୀ ନିର୍ବିଶେଷରେ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ଭାଇଚାରାର ଏହି ମହନୀୟ ପରମ୍ପରାକୁ ଆଗକୁ ନେଇଥିଲେ।

### ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷ

**କାମାକ୍ଷାନଗର, ୧୭।୧୦(ଡି.ଏନ୍.ଏ.)**

କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏଡିଜେ ବାମାଶଙ୍କର ମିଶ୍ର ପ୍ରମାଣ ଅଭାବରୁ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୦ ସେପ୍ଟେମ୍ବର ୧୮ରେ ବକେୟା ଟଙ୍କା ମାଗିବାକୁ କେନ୍ଦ୍ରକରି ବଡ଼ସୁଆଁଳ ଗ୍ରାମର ବନିତା ପାତ୍ରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲା। ଗ୍ରାମର ଛାୟାକାନ୍ତ ପାତ୍ର, ବିଭୂତି ପାତ୍ର, ଝରଣା ପାତ୍ର, ରୋହିତ ପାତ୍ର ତାଙ୍କୁ ଆକ୍ରମଣ କରିଥିଲେ। ଏଥିସହ ପରିବାର ସଦସ୍ୟଙ୍କୁ ମାର୍‌ପିଟ୍ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ନଂ.୧୪୦/୧୦ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନରେ ମୁକୁଳିଥିଲେ। ମାମଲାର କୋର୍ଟ କେସ୍ ନଂ. ସିଟିଏସ୍‌ଏସ୍ ୧୦୬/୧୩ର ବିଚାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ମନ୍ମଥ ମିଶ୍ର, ସର୍ବଜିତ୍ ଜୀ, ଅଶୋକ ଖୁଣ୍ଟିଆ ମାମଲା ପରିଚାଳନା କରିଥିଲେ।

## ପୂଜାମଣ୍ଡପ ବୁଲିଲେ ୨ ମନ୍ତ୍ରୀ

**ଢେଙ୍କାନାଳ ଅଫିସ, ୧୭।୧୦**


ଗୁଡିଆନାଳୀ ପୂଜା ମଣ୍ଡପରେ କେନ୍ଦ୍ରମନ୍ତ୍ରୀ।

ଦିନ ଯେତିକି ଗଡୁଛି ଲକ୍ଷ୍ମୀପୂଜା ସେତିକି ଜମୁଛି। ଅନୁକୂଳ ପାଗ ପୂଜା ଉତ୍ସବକୁ ଆହୁରି ସରସ ସୁନ୍ଦର କରିଦେଇଛି। ମଣ୍ଡପରେ ମା'ଙ୍କ ଦର୍ଶନ କରିବାକୁ ରାଜ୍ୟ ସମେତ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ସହରରେ ସୃଷ୍ଟି କରିଛି ନିଆରା ପରିବେଶ। ରାଜନେତାଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ମଧ୍ୟ ପୂଜାର ଭରପୂର ମଜା ଉଠାଉଛନ୍ତି। ଗୁରୁବାର କେନ୍ଦ୍ର ତୈଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପୃଥକ୍ ଭାବେ ପୂଜା ମଣ୍ଡପ ବୁଲି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଅପରାହ୍ନ ୧ଟାରେ ସଂସ୍କୃତି ମନ୍ତ୍ରୀ ପାଣିଗ୍ରାହୀ ଗଣେଶ ବଜାର ପୂଜାମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରଧାନ ସନ୍ଧ୍ୟାରେ ଗୁଡ଼ିଆନାଳୀ, କୋରିଆଁସ୍ଥିତ ସ୍ୱପ୍ନେଶ୍ୱର ବଜାର, ଜବାହରଚୌକ ଏବଂ ମିନାବଜାର ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ।

## ଚୈତନ୍ୟ ଝାଙ୍କିରେ ଆଧ୍ୟାତ୍ମିକ ବାର୍ତ୍ତା




**ଢେଙ୍କାନାଳ ଅଫିସ, ୧୭।୧୦**

ଲକ୍ଷ୍ମୀପୂଜା ଅବସରରେ ଚୈତନ୍ୟ ଝାଙ୍କି ମାଧ୍ୟମରେ ଆଧ୍ୟାତ୍ମିକ ବାର୍ତ୍ତା ପ୍ରଚାର କରିଛନ୍ତି ଢେଙ୍କାନାଳ ପ୍ରଜାପିତା ବ୍ରହ୍ମାକୁମାରୀ ଶାଖାର କର୍ମକର୍ତ୍ତା। ଏହି ଉପଲକ୍ଷେ କାଞ୍ଚନବଜାର ପୂଜା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ପୌରାଣିକ ବାର୍ତ୍ତା ସମ୍ବଳିତ ଝାଙ୍କି ପ୍ରଦର୍ଶିତ ହୋଇଥିଲା। ଏହାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଶାଖାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସଦସ୍ୟମାନେ ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ବେଶରେ ଜୀବନ୍ତ ଅଭିନୟ ମାଧ୍ୟମରେ ରାଜଯୋଗର ପ୍ରଚାର କରିଥିଲେ। ପୂଜା କମିଟିର ସଭାପତି ଗୋପାଳ ଚନ୍ଦ୍ର ବେହେରା, ସମ୍ପାଦକ ସାଗିର ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

## ବାଜି ରାଉତ କଲେଜରେ ଲାଗୁ ହେଲା '୫-ଟି'

**ଭୁବନ, ୧୭।୧୦(ଡି.ଏନ.ଏ.)**

ଶାସନକଳରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା '୫-ଟି' ବ୍ୟବସ୍ଥାକୁ ଭୁବନ ବାଜି ରାଉତ କଲେଜରେ ବୁଧବାରଠାରୁ ଲାଗୁ କରାଯାଇଛି। ଶିକ୍ଷାଦାନରେ ଶୃଙ୍ଖଳା ରକ୍ଷା କରିବାକୁ ତଦନୁଯାୟୀ ବିଭିନ୍ନ ନିୟମ ପ୍ରଣୟନ ହୋଇଛି। ଛାତ୍ରୀଛାତ୍ର, ଅଭିଭାବକଙ୍କ ପାଇଁ ଉଚ୍ଚ ସୋପାନ କାର୍ଯ୍ୟପ୍ରଣାଳୀ କାର୍ଯ୍ୟକାରୀ ହୋଇଛି। ଏଥିରେ ଟିମ୍‌ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟ୍ରାନ୍ସଫର୍ମେସନ ଏବଂ ଟାଇମକୁ ଅଗ୍ରାଧିକାର ଦିଆଯାଉଛି। ଏହାକୁ କାର୍ଯ୍ୟକାରୀ କରିବାକୁ କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ କମିଟି ଗଠିତ ହୋଇଛି। ଅଧ୍ୟାପକ ବିଜୟ ଦାସ, ଦୁର୍ଯ୍ୟୋଧନ ଜେନା, ସତ୍ୟନାରାୟଣ ଦାସ ଏହାର ପ୍ରମୁଖ ଦାୟିତ୍ୱରେ ଅଛନ୍ତି। ନିୟମ ଲାଗୁ ହେବାପରେ ଶିକ୍ଷାଦାନ, ପିଲାମାନଙ୍କ ସମସ୍ୟା, ଅଧ୍ୟାପିକାଅଧ୍ୟାପକଙ୍କ ଉପରେ କଡ଼ା ନଜର ରଖାଯିବ। ଏଥିରେ ଖିଲାପ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଲେଜ ଅଧ୍ୟକ୍ଷ କହିଛନ୍ତି।

## ପ୍ରସିଦ୍ଧ ଲକ୍ଷ୍ମୀପୂଜା ଝଲକ୍


ଢେଙ୍କାନାଳ କଲେଜ ଛକ।


ଦୁର୍ଗାବଜାର।


କ୍ରିଷ୍ଣାବଜାର କୁଞ୍ଜକାନ୍ତ।


ଜବାହରଚୌକ ପୂଜା ପ୍ରତିଷ୍ଠାନ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସିମରନ ଦାସ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଗାନ୍ଧୀ ସଂକଳ୍ପ ଯାତ୍ରାରେ ଯୋଗଦେବେ ଧର୍ମେନ୍ଦ୍ର



ଅନୁଗୋଳ ଅଫିସ, ୧୭।୧୦- ଭାଜପା ରାଜ୍ୟଶାଖା ଯୋଜନା ଅନୁଯାୟୀ ଅନୁଗୋଳ ଜିଲାରେ ଗାନ୍ଧୀ ସଂକଳ୍ପ ଯାତ୍ରା ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ତଥା ଇସ୍ପାତ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନୁଗୋଳ ବ୍ଲକର ଧୋକୁଟା ଶିବ ମନ୍ଦିରଠାରୁ ପୋକତୁଙ୍ଗା ଦେଇ ଶଙ୍ଖପୁର ପର୍ଯ୍ୟନ୍ତ ସଙ୍କଳ୍ପ ଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ଜିଲାର ସ୍ୱାଧୀନତା ସଂଗ୍ରାମୀ ପରିବାର ତଥା ବୁଦ୍ଧିଜୀବୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ଅନୁଗୋଳ ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ କାର୍ଯ୍ୟକ୍ରମର ଦାୟିତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ରାଜ୍ୟ ସଭା ପୂର୍ବତନ ସଦସ୍ୟ ରୁଦ୍ରନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ରହିବେ। ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଦିଲେଶ୍ୱର ପ୍ରଧାନ, ଚୌଧୁରୀ ପ୍ରଧାନଙ୍କୁ ସ୍ୱଚ୍ଛଭାରତ, ପ୍ଲାଷ୍ଟିକ ମୁକ୍ତ, ଗୋ ସୁରକ୍ଷା ପ୍ରମୁଖ ବିଷୟର ପ୍ରଚାର ପ୍ରସାର ଦାୟିତ୍ୱ ପ୍ରଦାନ କରାଯାଇଛି।

### ବଇଣ୍ଡାରେ ମା’ ଲକ୍ଷ୍ମୀଙ୍କୁ ବିଦାୟ



ବଇଣ୍ଡା, ୧୭।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ବସ୍‌ଷ୍ଟାଣ୍ଡ, ବୈଷ୍ଣବ ସାହି, ଆନନ୍ଦ ମୁଣ୍ଡା ଗ୍ରାମରେ ଆୟୋଜିତ ଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମେଢକୁ ବଇଣ୍ଡା ନଗର ପରିକ୍ରମା କରାଯାଇ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବଇଣ୍ଡା ଫାଣ୍ଡି ପୋଲିସ ମୁତୟନ ହୋଇଥିବାବେଳେ ପୂଜା କମିଟିର ଶ୍ରୀକାନ୍ତ ପ୍ରଧାନ, ପ୍ରୀତିରଞ୍ଜନ ବେହେରା, ଖୁକୁନା ମହାପାତ୍ର, ସିପୁନ ତ୍ରିପାଠୀ, ପାପୁନା ମହାପାତ୍ର, ରାଜେନ୍ଦ୍ର ସାହୁ, ଭୀମସେନ ସାହୁ ସହଯୋଗ କରିଥିଲେ।

### ଗଜଲକ୍ଷ୍ମୀ ପୂଜା ସମାପ୍ତ



ମାଧପୁର, ୧୭।୧୦- ଆଠମଲ୍ଲିକ ବ୍ଲକ ମାଣତ୍ରୀ ପଞ୍ଚାୟତ ହିଙ୍ଗମଣ୍ଡଳ ଗ୍ରାମରେ ଚଳିତ ବର୍ଷ ପ୍ରଥମ କରି ଗଜଲକ୍ଷ୍ମୀ ପୂଜା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପୂଜକ ଦେବବ୍ରତ ପଣ୍ଡା ଯଥାରୀତି ପୂଜାକାର୍ଯ୍ୟ କରିଥିଲେ। ଗ୍ରାମର ଶୁଭେନ୍ଦୁ ବାଘ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ପ୍ରତ୍ୟେକ ରାତିରେ ନାମ ସଂକୀର୍ତ୍ତନ, ପାଲା, ସମ୍ବଲପୁରୀ ଦଣ୍ଡ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉପଲକ୍ଷେ ହରିହାଟର ମଧ ଆୟୋଜନ କରାଯାଇଥିଲା। କମିଟି ସଭାପତି ସୁବଳ ମହାଖୁଡ଼, ସମ୍ପାଦକ ମନୋରଞ୍ଜନ ମହାଖୁଡ଼, ସଦସ୍ୟ ବାପୁନ ମହାଖୁଡ଼, ଅମୂଲ୍ୟ ପ୍ରଧାନ, ଶ୍ୱେତ ପ୍ରଧାନ, ଶଶୀ ବିଶ୍ୱାଳ, ବିନୟ ମହାଖୁଡ଼ ପ୍ରମୁଖଙ୍କ ସହିତ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ।

## ଜିଲା କାର୍ଯ୍ୟାଳୟରେ ଦିନିକିଆ ସଚେତନତା କର୍ମଶାଳା

# ନିର୍ମାଣ ଶ୍ରମିକଙ୍କ ନିକଟରେ ପହଞ୍ଚୁ ୫-ଟି ସେବା



ସଚେତନତା କର୍ମଶାଳାରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୧୭।୧୦**

ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାର ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି। ଏହି ସେବାଗୁଡ଼ିକ କିପରି ସେମାନଙ୍କ ନିକଟରେ ସହଜରେ ଉପଲବ୍ଧ ହେବା ସହ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହୋଇପାରିବ ସେ ସମ୍ପର୍କରେ ଏକ ଦିନିକିଆ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଓ ତାଳଚେର ଶ୍ରମ ଜିଲା ଦ୍ୱାରା ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ କର୍ମଶାଳାରେ ଜିଲାପାଳ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିସହ ୫-ଟିରେ ଅନ୍ତର୍ଭୁକ୍ତ ଥିବା ପ୍ରତ୍ୟେକ ସେବାକୁ ଠିକ୍ ସମୟରେ ନିର୍ମାଣ ଶ୍ରମିକଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

ନିର୍ମାଣ ଶ୍ରମିକମାନେ ଦୈନିକ ମଜୁରି ଠିକ୍ ଭାବେ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ତଦାରଖ କରି ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ପଞ୍ଜୀକରଣ କରିବା ସହ ସୁରକ୍ଷା ଓ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ନିର୍ମାଣ ଶ୍ରମିକ ଓ ସେମାନଙ୍କ ପରିବାରକୁ ଯୋଗାଇ ଦିଆଯାଉଥିବା ସମସ୍ତ ସହାୟତାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉପଲବ୍ଧ କରାଇବା ସହ ନିର୍ମାଣ ବାବଦରେ ମିଳୁଥିବା ୧ ପ୍ରତିଶତ ସେସ୍‌କୁ ନିୟମିତ ସଂଗ୍ରହ କରି ଜମା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳସ୍ତରୀୟ ଶ୍ରମ କମିଶନର ଜିତୁ ମୋହନ ହାଁସଦା ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କ ସୁରକ୍ଷା ଯୋଜନା ଗୁଡ଼ିକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ଜିଲା ଶ୍ରମ ଅଧିକାରୀ ଶିବ ଶଙ୍କର ମିଶ୍ର ପାୱାରପଏଣ୍ଟ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୯ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇ ୧୪୦୮ କୋଟି ଆର୍ଥିକ ସହାୟତା ଓ ୨୦.୩୪ ଲକ୍ଷର ବିଭିନ୍ନ ସହାୟତା ପାଉଛନ୍ତି। ଅନୁଗୋଳ ଶ୍ରମ ଜିଲାରେ ୩୭,୩୭୯ ଓ ତାଳଚେର ଶ୍ରମ ଜିଲାରେ ୫୧,୮୦୦ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଏହି କର୍ମଶାଳାରେ ତାଳଚେର ଜିଲା ଶ୍ରମ ଅଧିକାରିଣୀ ଇତିଶ୍ରୀ ଗାଗରାଇଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ଶ୍ରମ ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ଗଠନ ପାଇଁ ବୈଠକ



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

**ବଇଣ୍ଡା, ୧୭।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ବରିଷ୍ଠ ନାଗରିକ ମଞ୍ଚ ଗଠନ ପାଇଁ ଗୁରୁବାର ନୁନୁକାପଶି ପଞ୍ଚାୟତ ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଅବସରପ୍ରାପ୍ତ ଡାକ୍ତର ଚନ୍ଦ୍ରମଣି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ଆଠମଲ୍ଲିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ପ୍ରଫେସର ନନ୍ଦ କିଶୋର ମହାକୁଡ, ଯୁଗ ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନ, ମୁରାରୀ ପ୍ରସାଦ ମିଶ୍ର ଯୋଗଦେଇ ନାଗରିକ ମଞ୍ଚ ଗଠନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବଇଣ୍ଡା ଅଞ୍ଚଳରେ ବହୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ଥିବାବେଳେ ସେମାନଙ୍କୁ ନେଇ କିଭଳି ଏହି ମଞ୍ଚ ଗଠନ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ମତ ରଖିଥିଲେ। ଏହା ଦ୍ୱାରା ସେମାନଙ୍କଠାରେ ସରକାରୀ ଯୋଜନା ପହଞ୍ଚିପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଆଗାମୀ ଦିନରେ ଆଉ ଏକ ବୈଠକ କରାଯିବ ବୋଲି ନିଷ୍ପତ୍ତି ହେବା ସହ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। ବୈଠକରେ ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ବୈଜୟନ୍ତ ପ୍ରଧାନ, ପୀତବାସ ନାୟକ, ହେମନ୍ତ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ଧୀର ବିଶୋଇ ପ୍ରମୁଖ ଯୋଗ ଦେଇଥିଲେ।

## ଅଙ୍ଗନୱାଡ଼ି କର୍ମୀଙ୍କ ଆନ୍ଦୋଳନ ଜାରି



**ତାଳଚେର, ୧୭।୧୦(ନି.ପ୍ର.)**

ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ତାଳଚେର ବ୍ଲକ ପକ୍ଷରୁ ଚାଲିଥିବା ଗଣଧାରଣା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ଫଳରେ ତାଳଚେରରେ ଥିବା ୨୩୭ ଅଙ୍ଗନୱାଡ଼ି କେନ୍ଦ୍ର ୪ ଦିନ ହେଲା ବନ୍ଦରହିଛି। ବୁଧବାର ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମ ବରୁଆ, ପ୍ରୋଗ୍ରାମ ଅଫିସର ପୂର୍ଣ୍ଣବାସୀ ରଥ, ତାଳଚେର ବିଡିଓ ନେତ୍ରାନନ୍ଦ ମଲ୍ଲିକ ଆନ୍ଦୋଳନସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ପ୍ରକଳ୍ପରେ ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ଆକ୍ରୋଶମୂଳକ ପଦକ୍ଷେପ ନିଆଯାଉଥିବା ଅଭିଯୋଗ କରିବା ସହ ଓ ଦୀର୍ଘଦିନ ଏଠାରେ ଥିବା ସୁପରଭାଇଜରମାନଙ୍କୁ ତୁରନ୍ତ ବଦଳି ପାଇଁ ସଂଘ ଦାବି କରିଥିଲା। ଜିଲା ସମାଜମଙ୍ଗଳ ଅଧିକାରୀ ଜିଲାପାଳଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଯେ ପର୍ଯ୍ୟନ୍ତ ସୁପରଭାଇଜରମାନଙ୍କ ବଦଳି ନ ହୋଇଛି ଓ ଦାବିଗୁଡିକ ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଲୋଚନାବେଳେ ସିଡିପିଓ ଲୀଳାବତୀ ନାଗ, ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ଜେନା, ବ୍ଲକ ସଭାନେତ୍ରୀ ପୁଷ୍ପାଞ୍ଜଳି ସାହୁ, ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ, ଜିଲା ସଂଯୋଜକ ବିଜୟ ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

## ବୋନସ୍ ଦାବିରେ ଆନ୍ଦୋଳନ

**କଣିହାଁ, ୧୭।୧୦(ଡି.ଏନ.ଏ.)**

ଏମ୍‌ସିଏଲର କଣିହାଁ କୋଇଲା ଖଣିରେ କୋଇଲା ଉତ୍ତୋଳନ ଓ ପରିବହନ କରୁଥିବା ଟ୍ରକ ଚାଳକ ଓ ଶ୍ରମିକମାନେ ଦୁର୍ଗାପୂଜା ବୋନସ ପ୍ରଦାନ ଦାବି କରି ବୁଧବାରଠାରୁ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ଖଣିରୁ କୋଇଲା ଉତ୍ତୋଳନ ଓ ପରିବହନ ବାଧାପ୍ରାପ୍ତ ହୋଇଥିଲା। କୋଇଲା ପରିବହନ ଦାୟିତ୍ୱ ନେଇଥିବା ଭିଏଫପିଏଲ, ଆରପିଏଲ ଠିକାସଂସ୍ଥାର ଇନ୍‌ଚାର୍ଜ କେ. ସି. ସାହୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ଏ ନେଇ କଣିହାଁ ଓସିପି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ। କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଠିକାସଂସ୍ଥାରେ କାର୍ଯ୍ୟରତ ଟ୍ରକଚାଳକମାନେ ବୋନସ ଦାବିରେ କାର୍ଯ୍ୟରୁ ନିବୃତ୍ତ ଥିଲେ। ଆଲୋଚନା ପରେ ସମସ୍ୟା ସମାଧାନ ହୋଇଛି। ସନ୍ଧ୍ୟାରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଛି।

## ପାଲଲହଡ଼ା କପ୍ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ବନଦୁର୍ଗା ଆସୋସିଏଶନ



**ପାଲଲହଡ଼ା, ୧୭।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ପାଲଲହଡ଼ା କପ୍ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହେନ୍ଦ୍ର ଆଣ୍ଡ ମହେନ୍ଦ୍ର କ୍ଲବ ବଲାଙ୍ଗୀରକୁ ଟ୍ରାଇବ୍ରେକର ସାହାଯ୍ୟରେ ୫-୪ ଗୋଲରେ ପରାସ୍ତ କରି ବନଦୁର୍ଗା ଫୁଟବଲ ଆସୋସିଏଶନ, କଳା ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ପୁଲ-‘ବି’ର ପ୍ରଥମ ମ୍ୟାଚ ୟୁନିଟ-୬, ଭୁବନେଶ୍ୱର ଏବଂ ବଏଜ୍ କ୍ଲବ, ରାଉରକେଲା ମଧ୍ୟରେ ଅନୁଷ୍ଠିତ ହେବ। ରେଫରି ଭାବେ ପ୍ରଶାନ୍ତ କୁମାର ପାଲ, ସଲିଲ ବେହେରା, ଦିଲୀପ ରାଉତ ଏବଂ ଭୋଳେଶ୍ୱର ଗାଗରାଇ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲିଙ୍ଗରାଜ ଦାସ, ସମ୍ପାଦକ ସୁଶୀଲ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ଫୁଟବଲ ଆସୋସିଏଶନର ଅଧ୍ୟକ୍ଷ ସୁଧାକର କପର୍ଦ୍ଦାର, ସଭାପତି ନେତ୍ରାନନ୍ଦ ମହାକୁଳ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଉପଖଣ୍ଡ କ୍ରୀଡ଼ା ସଂସଦ ସମ୍ପାଦକ ନରେନ୍ଦ୍ର ଭୁକ୍ତା, ଅଭୟ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ପୂଜା ସହ ଜମୁଛି ବେପାର



▲ଛେଣ୍ଡିପଦା ବ୍ଲକ ଛକ।



▲ଛେଣ୍ଡିପଦା ଗ୍ରାମ ପୂଜା କମିଟି ମଣ୍ଡପ ଛକ।



▲ପୋଡାପଡା ମଣ୍ଡପ, ଛେଣ୍ଡିପଦା।



▲ଥାନା ଛକ ମଣ୍ଡପ, ଛେଣ୍ଡିପଦା।




▲ଲକ୍ଷ୍ମୀ ପୂଜା ଅବସରରେ ଅନୁଗୋଳ ସହରରେ ଜଣେ ଦୋକାନୀ ଠୁଙ୍କା ପୁରୀ ପ୍ରସ୍ତୁତ କରୁଛନ୍ତି।



▲ଅନୁଗୋଳରେ ପୂଜା ଅବସରରେ ପଡିଥିବା ଦୋକାନରେ ଲୋକେ କଶ୍ମୀର ଲଙ୍କା ଚପ୍‌ର ମଜା ନେଉଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ଅକ୍ଟୋବର ୧୮/୨୦୧୯ Dhenkanal, Friday, October 18 / 2019

## ସଂକ୍ଷେପରେ

### ସୁନା ହାର ଲୁଟ୍

**ଭଦ୍ରକ ଅଫିସ, ୧୭।୧୦:** ଭଦ୍ରକ ଟାଉନ ଥାନା ଅଧୀନ ବଙ୍କସାହିର ଜଣେ ମହିଳାଙ୍କ ବେକରୁ ସୁନା ହାର ମଙ୍ଗଳବାର ୨ ଜଣ ଲୁଟେରା ଲୁଟି ନେଇଛନ୍ତି। ଏ ନେଇ ମହିଳାଙ୍କ ସ୍ୱାମୀ ଉମାକାନ୍ତ ସାହୁ ବୁଧବାର ଟାଉନ ଥାନାରେ ଏତଲା ଦାଏର କରିଛନ୍ତି। ଥାନାରେ ମାମଲା (ନଂ.୩୦୯/୧୯) ରୁଜୁ ହୋଇଛି। ଉମାକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅଳଙ୍କାର ସଫା କରିବା ଆଳରେ ଦୁଇ ଲୁଟେରା ତାଙ୍କ ସ୍ତ୍ରୀଙ୍କଠାରୁ ସୁନା ହାର ଲୁଟି ନେଇଛନ୍ତି। ତେବେ ଲୁଟ୍ ବେଳର ଦୃଶ୍ୟ ତାଙ୍କ ଘରେ ଲାଗିଥିବା ସିସିଟିଭିରେ ରେକର୍ଡିଂ ହୋଇଛି।

# ଜେଏସ୍‌ପିଏଲ୍ ୟୁନିଟ୍ ପୁରସ୍କୃତ

**ଅନୁଗୋଳ ଅଫିସ, ୧୭।୧୦**




ବେଙ୍ଗାଲୁରୁରେ ଆୟୋଜିତ ଲର୍ନିଂ ଆଣ୍ଡ ଡେଭଲପମେଣ୍ଟ ବିଶ୍ୱ ଶିଖର ସମ୍ମିଳନୀରେ ଅନୁଗୋଳ ଜେଏସ୍‌ପିଏଲ୍‌ର ୟୁନିଟ୍ ପୁରସ୍କୃତ ହୋଇଛି। ସହଯୋଗୀ ଶିକ୍ଷଣ ପଦ୍ଧତିର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଓ କର୍ମଚାରୀଙ୍କୁ ନିରନ୍ତର ଜ୍ଞାନ ପ୍ରଦାନ କରିବା ଯୋଗୁ ଜେଏସ୍‌ପିଏଲ୍‌କୁ ବେଷ୍ଟ ଲର୍ନିଂ ଆଣ୍ଡ ଡେଭଲପମେଣ୍ଟ ଟିମ୍ ଅଫ୍ ଦ ଇୟର ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ମ୍ୟାନେଜର (ଏଚ୍ଆର୍) ସୌମିକ୍ ଦାସ ଓ ଆକାଶ ନିର୍ମଳ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସଫଳତା ପରେ ଜେଏସ୍‌ପିଏଲ୍ ଚିଫ୍ ଅପରେଟିଂ ଅଫିସର ପଙ୍କଜ ଗୌତମ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଶିକ୍ଷାଲାଭ କରିବା ଓ କ୍ଷମତା ନିର୍ମାଣ ମାଧ୍ୟମରେ ନିରନ୍ତର ବିକାଶ କରିବା ଜେଏସ୍‌ପିଏଲ୍‌ର ସଂସ୍କୃତି ବୋଲି ସେ ମତ ପ୍ରକାଶ କରିଛନ୍ତି। ପ୍ରତି ମାସରେ ଜେଏସ୍‌ପିଏଲ୍ ଅନୁଗୋଳ ୟୁନିଟ୍‌ରେ ବିଭିନ୍ନ ତାଲିମ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଭିନ୍ନ କ୍ଷେତ୍ରରେ କର୍ମଚାରୀଙ୍କ ଦକ୍ଷତା ବିକାଶ କରାଯାଉଛି। ଏହି ପୁରସ୍କାର ପାଇଁ ଅନୁଗୋଳ ୟୁନିଟ୍‌ର ଉପାଧ୍ୟକ୍ଷ ଆଲୋକ ମହାପାତ୍ର ସମସ୍ତ କର୍ମଚାରୀ ଓ ବରିଷ୍ଠ ଅଧିକାରୀଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ଚଳିତ ବର୍ଷ ଫେବୃୟାରୀ ମାସରେ ଜେଏସ୍‌ପିଏଲ୍ ତାଲିମ ଉତ୍କର୍ଷତା ପାଇଁ ସ୍ୱର୍ଣ୍ଣ ବିଜେତା ହୋଇଥିଲା।

# ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର

**ବଇଣ୍ଡା,୧୭।୧୦(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସାନହୁଲା ପଞ୍ଚାୟତ ବଡବର ଗ୍ରାମରେ ଗୁରୁବାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଗ୍ରାମ ଅଙ୍ଗନୱାଡି ଗୃହଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ପ୍ରଶାନ୍ତ ସାହୁ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଟୁକୁନୁ ପ୍ରଧାନ, ଚିକୁନ ପ୍ରଧାନ, ୟୁବୁଲୁ ସାହୁ, ଲିଟୁ ସାହୁ, ସୁନୀଲ ସାହୁ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମର ଯୁବତୀ ଯୁବକ ରକ୍ତଦାନ କରିଥିଲେ। ମୋଟ ୮୩ ୟୁନିଟ୍ ରକ୍ତ ଶିବିରରେ ସଂଗ୍ରହ କରାଯାଇଥିଲା। ଅନୁଗୋଳ ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ତପସ୍ୱିନୀ ମିଶ୍ର ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୋଅର୍ଡିନେଟର ପ୍ରଫୁଲ୍ଲ କୁମାର ଦାସ, ଷ୍ଟାଫ ନର୍ସ ଦୀପ୍ତିରାଣି ସାହୁ, ରୁଦ୍ର ମୋହନ ମାଝି ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ପ୍ରଦର୍ଶନୀ ବସ୍‌ରେ ଚନ୍ଦ୍ରୟାନ, ମିସାଇଲ ଗତିବିଧି



**ଅନୁଗୋଳ ଅଫିସ, ୧୭।୧୦**

### ଅନୁଗୋଳବାସୀ ଦେଖିଲେ ଇସ୍ରୋ

ଭାରତ ସରକାରଙ୍କ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଅନୁଗୋଳବାସୀଙ୍କୁ ମହାକାଶ ମିଶନ ଯାନ ଓ ଜ୍ଞାନ ଉପରେ ସଚେତନ କରାଯାଇଛି। ଚନ୍ଦ୍ରୟାନ ପାଖରୁ ଆରମ୍ଭ କରି ମହାକାଶକୁ ଛଡ଼ାଯାଉଥିବା ମିସାଇଲ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଅବଗତ କରାଯାଇଛି। ଅନୁଗୋଳ ବ୍ଲକ ତଳମୂଳ ଅଞ୍ଚଳର ସରୋଜ ବେହେରାଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି।

ଅନୁଗୋଳରେ ଗୁରୁବାର ମଧ୍ୟାହ୍ନରେ ପହଞ୍ଚିଥିଲା ଇସ୍ରୋର ପ୍ରଦର୍ଶନୀ ବସ୍। ଏଥିରେ ମହାକାଶ ବିଜ୍ଞାନର ବିଭିନ୍ନ ଅଂଶବିଶେଷ ସହ ଇସ୍ରୋର ଜ୍ଞାନ କୌଶଳ ଉପରେ ନାନା ପ୍ରକାର ସରଞ୍ଜାମ ରହିଥିଲା। ଛାତ୍ରୀଛାତ୍ରଙ୍କୁ ମହାକାଶ ମିଶନ ଉପରେ ଅଧିକ ଜ୍ଞାନ ଯୋଗାଇଦେବା ଲକ୍ଷ୍ୟରେ ଏକ ପ୍ରଦର୍ଶନୀ ବସ୍ ଆସିଥିବା ସୂଚନା ମିଳିଛି। ଅନୁଗୋଳ ତଳମୂଳ ଉଚ୍ଚ ବିଦ୍ୟାଳୟ, ଶିଶୁମନ୍ଦିର ସହ ଛେଳିଆପଡ଼ା ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ପରିସରରେ ବସ୍‌ରେ ମହାକାଶ ସମ୍ବନ୍ଧୀୟ ବିଭିନ୍ନ ପ୍ରଦର୍ଶନୀ ଛାତ୍ରୀଛାତ୍ରମାନଙ୍କୁ ଦେଖାଯାଇଥିଲା। ମହାକାଶକୁ କିପରି ବିଭିନ୍ନ ମିସାଇଲ ପ୍ରେରଣ ସହ ଚନ୍ଦ୍ରୟାନ-୨ର ଯାତ୍ରା ସମ୍ପର୍କରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକଙ୍କୁ ତଳମୂଳ ଅଞ୍ଚଳର ପୁଅ ତଥା ଇସ୍ରୋରେ କାର୍ଯ୍ୟ କରୁଥିବା ସରୋଜ ବୁଝାଇଥିଲେ। ପ୍ରଦର୍ଶନୀ ବସ୍‌କୁ ଦେଖିବା ପାଇଁ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ଭିଡ଼ ଲଗାଇଥିଲେ।

# କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି

**ବଇଣ୍ଡା, ୧୭।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହେବ। ଏ ନେଇ ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ବୁଧବାର ରାଧାକୃଷ୍ଣ ମନ୍ଦିର ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ଜିତେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରମାକାନ୍ତ ବେହେରା, ରାଜେନ୍ଦ୍ର ରାଉତ, ସଞ୍ଜୟ ସାହୁ, ଭାଲୁଆ ମହାପାତ୍ର, ସୁରେଶ ସାହୁ, ମିଟୁ ବେହେରା, ଚନ ବେହେରା, ପ୍ରସନ୍ନ ବେହେରା ଯୋଗ ଦେଇଥିଲେ। ପୂଜାକୁ କିଭଳି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ ସେ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ର ଓ କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ପ୍ରବଚନର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ପୂଜାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସ୍ଥାନୀୟ ସରପଞ୍ଚ ଜଳଧର ସାହୁ, ଉପସଭାପତି ଭାବେ ରମେଶ କୁମାର ଟିବ୍ରୁୱାଲା, ସମ୍ପାଦକ ସନ୍ତୋଷ କୁମାର ସାହୁ, ସହସମ୍ପାଦକ ବିରଞ୍ଚି ମହାପାତ୍ର ଦିଲୀପ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ପରୀକ୍ଷିତ ସାହୁଙ୍କୁ ଚୟନ କରାଯାଇଥିଲା।




# ଦ୍ୱିତୀୟ ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୭।୧୦(ଡି.ଏନ.ଏ.)**

ହଣ୍ଡପା ଥାନା ମଧପୁର ଗ୍ରାମର ଦୁର୍ଯ୍ୟୋଧନ ନାୟକ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଅବନ୍ତୀ ନାୟକଙ୍କୁ ମାଡ଼ ମାରିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୮୩/୧୯ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଦୁର୍ଯ୍ୟୋଧନ ୪ ବର୍ଷ ତଳେ ଅବନ୍ତୀଙ୍କୁ ଭଲ ପାଇ ଆଠମଲ୍ଲିକ କୋର୍ଟରେ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀ ଘରେ ଥିବାବେଳେ ଦୁର୍ଯ୍ୟୋଧନ ଅବନ୍ତୀଙ୍କୁ ନେଇ ଅନ୍ୟତ୍ର ରହୁଥିଲେ। କିଛି ମାସ ହେବ ଅବନ୍ତୀ ଶାଶୁଘରକୁ ଆସିଥିବାବେଳେ ପାରିବାରିକ ଝଗଡାକୁ ନେଇ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

# ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ

**ଅନୁଗୋଳ ଅଫିସ, ୧୭।୧୦**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାପା-ପୁଅଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଅନୁଗୋଳ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୁଶାସିଂହା ଗ୍ରାମର ସାଗର ଭୂତିଆ ଓ ସାଜନ ଭୂତିଆ। ଗୁରୁତର ବାପା-ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ସକାଳେ କୁଶାସିଂହା ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ସାଗର ଓ ସାଜନଙ୍କ ସମେତ ମୋଟ ୬ ଜଣ ବାଳକୃଷ୍ଣ ରାଉତଙ୍କୁ ଟାଙ୍ଗିଆ, ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଗାଁ କୋଠଘର ଠାରେ ସେମାନେ ଟାଙ୍ଗିଆରେ ବାଳକୃଷ୍ଣଙ୍କ ମୁଣ୍ଡ ଓ କାନକୁ ହାଣି ଦେଇଥିଲେ। ବାଳକୃଷ୍ଣଙ୍କ ୨ ବର୍ଷର ପୁଅ ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ି ନ ଥିଲା। ୨ ବର୍ଷର ଶିଶୁପୁତ୍ରକୁ ଉକ୍ତ ଯୁବକମାନେ ଫିଙ୍ଗି ଦେଇ ସେଠାରୁ ପଳାଇ ଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବାଳକୃଷ୍ଣଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ସାଗର ଓ ସାଜନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅନ୍ୟ ୪ ଜଣ ଫେରାର ଥିବା ଜଣାପଡ଼ିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ